**ତହସିଲଦାରଙ୍କ କାର୍ଯ୍ୟାଳୟ, ରେମୁଣା**

**ସଂଖ୍ୟା ... [illegible] ... ତା[illegible]।୧୦.୨୧ରିଖ**

## ଦୀର୍ଘମିଆଦୀ ଲଘୁ ଖଣିଜ ନିମନ୍ତେ ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – ୨୦୧୬ ଓ ତତ୍ ସମ୍ପୃକ୍ତ ପରବର୍ତ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ ଅନୁଯାୟୀ)

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ରେମୁଣା ତହସିଲ ଅନ୍ତର୍ଗତ ଦର୍ଶିତ ତାଲିକା ପରିଶିଷ୍ଟ ଅନୁଯାୟୀ ସୈରାତ (ବାଲି) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) କୁ ଅନ୍ୟୁନ୍ୟ ୫ (ପାଂଚ) ବର୍ଷ ନିମନ୍ତେ (୨୦୨୧-୨୨ ଆର୍ଥୀକ ବର୍ଷ ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ) ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ର ଫର୍ମ – **M** (୩ ସେଟ) ପୂରଣ କରି ନିମ୍ନ ଲିଖିତ ଆବଶ୍ୟକୀୟ ପ୍ରମାଣ ପତ୍ର ଓ କାଗଜାତ ସହିତ ଦରଖାସ୍ତ ଦାଖଲ କରିପାରିବେ । ଆବେଦନକାରୀ ଦରଖାସ୍ତଟିକୁ ଜଉମୁଦ ଦିଆ ଲଫାଫାରେ ରେଜିଷ୍ଟ୍ରି ଡାକ /କ୍ଷିପ୍ର ଡାକ **(Registered/Speed Post)** ଯୋଗେ ତହସିଲଦାର ରେମୁଣାଙ୍କ ଠିକଣାରେ ପଠାଇବାକୁ ହେବ କିମ୍ବା ରେମୁଣା ତହସିଲଦାରଙ୍କ କାର୍ଯ୍ୟାଳୟରେ ଜଉମୁଦ ଦିଆଯାଇଥିବା ଟେଣ୍ଡର ବାକ୍ସରେ ତା ୧୬.୧୧.୨୦୨୧ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଯେକୌଣସି ସରକାରୀ କାର୍ଯ୍ୟ ଦିବସ ଓ ସମୟରେ ପକାଇପାରିବେ । ଆବେଦନକାରୀ ଲଫାଫା ଉପରେ ଆବେଦନ କରୁଥିବା ଉତ୍ସର ନାମ ପରିଷ୍କାର ଭାବେ ଲେଖିବା ଅନିବାର୍ଯ୍ୟ ଅଟେ ।

**ଆବଶ୍ୟକୀୟ ଦସ୍ତାବିଜ**

୧. ଦରଖାସ୍ତ ଫି ବାବଦକୁ ଟ ୧୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ **(Head of Account – 0853 – Non – Ferrous Mining and Metallurgical Industries – 102 – Mineral Concession Fees, Rents and Royalties)** । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ

୩. ସୈରାତ ଉତ୍ସର ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ **Mining Plan** ମୁତାବକ ନୋଟିସ୍ ରେ ଉଲ୍ଲେଖ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ ଭାଗ ରାଶି **EMD (Earnest Money Deposit)** ନିମନ୍ତେ ତହସିଲଦାର ରେମୁଣାଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ ଫର୍ମ – **M** ସହିତ ଦାଖଲ ଦେବେ । **[EMD = 5% of (Minimum Guaranteed Quantity X Minimum Additional Charges specified in the Notice + Royalty)].**

୪. ସୈରାତ ଉତ୍ସର ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତୋଳନ ପରିମାଣ **(Minimum Guaranteed Quantity)** ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର **(Solvency Certificate)** କିମ୍ବା ବ୍ୟାଙ୍କ ପ୍ରତ୍ୟାଭୁତି । **(Bank Guarantee) (Valid for 18 months) = Minimum Guaranteed Quantity X (Offered Additional Charge + Royalty)** ।

୫. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତି ତାଲିକା ।

ବି.ଦ୍ର. – ଉପରୋକ୍ତ ନୀୟମାବଳୀ ଓ ଦସ୍ତାବିଜ ନଥିଲେ କିମ୍ବା କୌଣସି ତୃଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କର ଆବେଦନଟିକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।

**ସର୍ତ୍ତାବଳୀ**

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ତତ୍ ସମ୍ପୃକ୍ତ ପରବର୍ତ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ ର ପରିସର ଭୁକ୍ତ ରହିବେ ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୨. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇଛୁକ ବ୍ୟକ୍ତି ଲଘୁ ଖଣିଜ ଉତ୍ସଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ । ଲିଜ ନେବା ପରେ ସୈରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ୍ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କତୃପକ୍ଷ ଦାୟୀ ହେବେ ନାହିଁ ।

୪. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (**Additional Charge**) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମ ଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (**Draw of Lots**) ମାଧ୍ୟମରେ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୫. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ **Mining Plan** ଅନୁସାରେ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ (**MGQ**) ସହିତ ତାଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (**Additional Charge**) ସହିତ ବାଲି ରୟାଲଟି ଏବଂ ବାର୍ଷିକ (**MGQ**) ପାଇଁ ଧାର୍ଯ୍ୟ **DMF** (**Contribution Payble to DMF**) ଗୁଣନ କରି ସମ୍ପୃକ୍ତ ରାଶିର ୨୫% ପୂର୍ବରୁ ଦାଖଲ କରିଥିବା ବଇନା ରାଶି (**Earnest Money**) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (**Security Deposit**) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ (**Interest Free**) ରେ ରଖାଯିବ । ଯଦି ମନୋନୀତ ଆବେଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନକରନ୍ତି, ତେବେ ତାଙ୍କର **EMD** ବାବଦକୁ ଜମା ଥିବା ରାଶି ବାଜ୍ୟାପ୍ତି କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତ କାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେବାପରେ ଅକୃତ କାର୍ଯ୍ୟ ଆବେଦନ କାରୀ ମାନଙ୍କୁ ଜମା ଦେଇଥିବା **Earnest Money** ଫେରସ୍ତ କରାଯିବ ।

୬. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ନୋଟିସ୍ ରେ ଦର୍ଶାଇଥିବା ଲଘୁ ଖଣିଜ ଉତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜ୍ ଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜ୍ ଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବା ସହିତ ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ **District Mineral Foundation** ବାଦଦକୁ ଶତକଡା ୧୦ ଭାଗ ଅର୍ଥ ଜମା କରିବାକୁ ପଡିବ । ସେହିଭଳି ଲିଜ୍ ଧାରୀଙ୍କୁ ଆଗାମୀ ୭ (ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନ ପ୍ରଦତ ସୂଚୀ ଅନୁସାରେ) ବକେୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୁଲ୍ୟ ଜମା କରିବାକୁ ପଡିବ । ଲିଜଧାରୀ ବକେୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ **Agreement** ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ – ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିୟୋଜିତ ଦରଖାସ୍ତ କାରି ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର **EMD** ଓ ଜମା କରିଥିବା ରାଶି ବାଜ୍ୟାପ୍ତି କରି ସରକାରଙ୍କ ନିକଟରେ ଜମା ଦିଆଯିବ । ପରବର୍ତ୍ତି ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଲିଜ ଚୁକ୍ତି (**Lease Agreement**) ର ଦିନ ଶେଷ ହେବାର ୨ ମାସ ପୂର୍ବରୁ ଦେୟ ପଇଠ କରିବେ ।

୭. ଯଦି ସର୍ବୋଚ୍ଚ **Additional Charge** ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନକରନ୍ତି ବା ଖିଲାପ କରିନ୍ତ ତା ହେଲେ ଦ୍ୱିତିୟ ସର୍ବାଧିକ ମୁଲ୍ୟାଙ୍କ କରିଥିବା ନୀଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

୮. ଯଦି ଦ୍ୱିତିୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନ କାରୀଙ୍କ ଅର୍ଥ ରାଶିଠାରୁ ଅତିକମ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ (**Controlling Authority**) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

୯. ଲିଜ୍‌ଧାରୀ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ **Deed Rent** ଏବଂ **Surface Rent** ଦାଖଲ କରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ **Mining Plan** ରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସ୍‌ରେ ଦର୍ଶାଇଥିବା ପରିମାଣ ସହିତ ସମାନ, ଅଧିକ କିମ୍ୱା କମ ହୋଇପାରେ । ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି **DMF** ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । **Mining Plan** ରେ ନ୍ୟୁନତମ ପରିମାଣ ୨୦୨୧-୨୨ ବର୍ଷ ପାଇଁ ଓ **SEIAA** ଦ୍ୱାରା ଧାର୍ଯ୍ୟ ପରିମାଣ ଲିଜ ପାଇଁ ଉଦ୍ଦିଷ୍ଟ ଉତ୍ସର ବିବରଣୀ ପ୍ରଦାନ କରାଯାଇଛି ଏବଂ ଆସନ୍ତା ଆର୍ଥିକ ବର୍ଷ ମାନଙ୍କ ପାଇଁ ମଧ୍ୟ କେତେ ପରିମାଣ ଲକ୍ଷ୍ୟ ଦିଆଯିବ, ତାହା ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବ ଏବଂ ପର ଆକଳନ ପରେ (**Pre Monsoon & Pot Monsoon**) ବାଲି ଶଯ୍ୟା ରେ ପୁର୍ନଗଛିତ ହୋଇଥିବା ବାଲିର ଆକଳନ କୁ (**Replenishment study**) ନେଇ କରାଯିବ । ତେଣୁ ବେଶୀ କିମ୍ୱା କମ **SEIAA** ଦ୍ୱାରା ଧାର୍ଯ୍ୟ ପରିମାଣ (**Replenishment study**) ଅନୁସାରେ (**Project proponent (Lesssee)** କୁ ରୟାଲଟି ଏବଂ ସେହି ଅନୁସାରେ ଅନ୍ୟାନ୍ୟ ଦେୟ ଦେବା ପାଇଁ ପଡିବ ।

୧୦. ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର ୨ % (ଶତକଡା ଦୁଇ) ଆୟକର ଓ ସମୟାନୁକ୍ରବେ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମା କରିବା ପାଇଁ ପଡିବ ।

୧୧. ମନୋନୀତ ଆବେଦନକାରୀ **Mining Plan** ତଥା **Environmental Clearance** ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡିବ । ଏହା ସହିତ ଲିଜଧାରୀମାନେ ବିଜ୍ଞାପନ ଖର୍ଚ୍ଚ ଆନୁପାତିକ ଭାବରେ ବହନ କରିବେ ।

୧୨. ନିଲାମ ତାରିଖ ଦିନ ଦରଖାସ୍ତ କାରୀ କିମ୍ୱା ତାଙ୍କର ଅଧିକୃତ ପ୍ରତିନିଧି ଉପସ୍ଥିତ ରହିବେ । ଯଦି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

୧୩. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୁଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାଆନ୍ତି ତେବେ ତାଙ୍କଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୧୪. ନିଲାମଧାରୀ **OMMC Rule** ୨୦୧୬ ରେ ନିୟମ – ୩୩ (୧-୨୯) ର ସମସ୍ତ ସର୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ । ଲିଜଧାରୀ ନିର୍ଦ୍ଧାରିତ ନୀମୟର ଉଳଂଘନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ **OMMC Rule-** ୨୦୧୬ ଅନୁସାରେ ମଧ୍ୟ ଦଣ୍ଡିତ ହେବେ ।

୧୫. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତୋନଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ । ତଥା କୌଣସି ଭାରିଯାନ ଯେପରିକି, ହାଇଓ୍ୱା ଇତ୍ୟାଦି ବ୍ୟବହାର କରିବେ ନାହିଁ । (**Vehicle to be used as per approved Mining Plan**)

୧୬. ଲିଜଧାରୀ **Mines Act. 1952**ଏବଂ**Explosive Act, 1984** ର ସମସ୍ତ ନୀୟମ ଓ ସର୍ତାବଳୀ ରେ ଅନ୍ତର୍ଭୁକ୍ତ ରହିବେ ।

୧୭. ସର୍ବୋଚ୍ଚ ନିଲାମଧାରୀ ବାଲୁକା ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ **(Consent to Operate)** ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ **(Odisha Pollution Control Board)** ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୧୮. ସୂଚନା ଫଳକ **(Display Board)** ତିଆରିକରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥୀକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୯. ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତୋଳନ କରିପାରିବେ ନାହିଁ ।

୨୦. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

୨୧. ଉତ୍ସକୁ ଲାଗିଥିବା ରାସ୍ତା, କୁଳ ଆଦିର ରକ୍ଷଣା ବେକ୍ଷଣା ଦାୟିତ୍ୱ ନିଲାମଧାରୀ ନେବେ ଏବଂ ପ୍ରତ୍ୟେକ ବର୍ଷ ତାହାର ମରାମତି କରିବେ ।

୨୨. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ପରବର୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ ଅନୁଯାୟୀ ସମସ୍ତ ଦେୟ ଜମା ଦେଇ ଲିଜ୍ ପାଇଁ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ହେବ ।

୨୩. ସୈରାତ ଲିଜଧାରୀ ବାଲିଉତ୍ସର ସୀମା ଚିହ୍ନଟ ଜାଗା ଗୁଡିକରେ ଉଚ୍ଚ ସିମେଂଟ ଖୁଂଟ ପୋତିବେ ଏବଂ ଖିଲାପ କଲେ **OMMC Rule 2016** ଅନୁଯାୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବା, ପରିବର୍ତନ କରିବା, ତୃଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର କାରୀଙ୍କ ଅଛି ।

<u>ଗୁରୁତ୍ୱ ପୁର୍ଣ୍ଣ ତାରିଖ</u>

୧. ଦରଖାସ୍ତ ପକାଇବାର ଶେଷ ତାରିଖ ତା ୧୬.୧୧.୨୦୨୧ ଅପରାହ୍ନ ୫ ଘଟିକା ସୁଦ୍ଧା ।
୨. ଟେଣ୍ଡର ବାକ୍ସ ଖୋଲିବାର ତାରିଖ – ୧୭.୧୧.୨୦୨୧ ରିଖ ଦିବା ୧୧ ଘଟିକା
୩. କୌଣସି କାରଣ ବଶତଃ ତା ୧୭.୧୧.୨୦୨୧ ରିଖରେ ଖୋଲା ହୋଇ ନପାରିଲେ ପରବର୍ତି ତାରିଖ ତା ୧୮.୧୧.୨୦୨୧ ରିଖ ଦିବା ୧୧ ଘଟିକାରେ ଖୋଲାଯିବ ।

28-10-21
ତହସିଲଦାର, ରେମୁଣା

ଜ୍ଞାପକ ସଂଖ୍ୟା . 5253 ତାରିଖ . 28.10.21

ଏହାର ଏକ କିତା ନକଲ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

28-10-21
ତହସିଲଦାର, ରେମୁଣା

ଜ୍ଞାପକ ସଂଖ୍ୟା . 5254 ତାରିଖ . 28.10.21

ଏହାର ଏକ କିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେମୁଣା / ସମ୍ପୃକ୍ତ ଅଂଚଳର ଗ୍ରା.ପ./ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ/ସମ୍ପୃକ୍ତ ଥାନା ଅଧିକାରୀ/ତହସିଲଦାରଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

28-10-21
ତହସିଲଦାର, ରେମୁଣା

ଜ୍ଞାପକ ସଂଖ୍ୟା ........................ ତାରିଖ ........................

ଏହାର ଏକ କିତା ନକଲ ସୈରାତ ଉତ୍ସ ଅବସ୍ଥିତ ଗ୍ରାମର ଗ୍ରାମବାସୀ ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର ରେମୁଣା

## ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିବରଣୀ

| କ୍ର ନଂ | ମୌଜା | ସୈରାତ ଉତ୍ସର ନାମ | ଖାତା | ପ୍ଲଟ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ Cum | ମନ୍ତବ୍ୟ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | ପୁରୁଷ୍ଠି | ପୁରୁଷ୍ଠି ବାଲି ଖାଦାନ | 420 | 1340 | 12.30 | 35+30=65 | Mining Plan ଅନୁଯାୟୀ ପ୍ରଥମ ବର୍ଷ 38000 Cum ଓ E.C ଅନୁଯାୟୀ ପ୍ରଥମ ବର୍ଷ 7500 Cum | |
| 2 | ଉଡ଼ମ୍ବର | ଉଡ଼ମ୍ବର ବାଲି ଖାଦାନ | 211 | 1 | 8.20 | 35+30=65 | Mining Plan ଅନୁଯାୟୀ ପ୍ରଥମ ବର୍ଷ 27000 Cum ଓ E.C ଅନୁଯାୟୀ ପ୍ରଥମ ବର୍ଷ 5000 Cum | |
| 3 | ମାକନ୍ଦା | ମାକନ୍ଦା ବାଲି ଖାଦାନ | 337 | 691<br>692 | 8.40<br>3.82 | 35+30=65 | Mining Plan ଅନୁଯାୟୀ ପ୍ରଥମ ବର୍ଷ 20500 Cum ଓ E.C ଅନୁଯାୟୀ ପ୍ରଥମ ବର୍ଷ 6000 Cum | |
| 4 | ଆମ୍ବୁଲକୁଡ଼ା | ଆମ୍ବୁଲକୁଡ଼ା ବାଲି ଖାଦାନ | 133 | 531 | 12.30 | 35+30=65 | Mining Plan ଅନୁଯାୟୀ ପ୍ରଥମ ବର୍ଷ 36000 Cum ଓ E.C ଅନୁଯାୟୀ ପ୍ରଥମ ବର୍ଷ 6000 Cum | |
| 5 | ଘୁଙ୍ଗୀ | ବୋଇତବାଙ୍କ ବାଲି ଖାଦାନ | 261 | 338<br>440 | 5.00<br>7.20 | 35+30=65 | Mining Plan ଅନୁଯାୟୀ ପ୍ରଥମ ବର୍ଷ 28000 Cum | ପରିବେଶ ମଞ୍ଜୁରୀ ପ୍ରାପ୍ତ ପରେ ପ୍ରଥମ ବର୍ଷର ପରିମାଣ ଜଣେଇ ଦିଆଯିବ |
| 6 | କାଠଶଙ୍ଗଡ଼ା ହଳଦିଆ | କାଠଶଙ୍ଗଡ଼ା 1 ବାଲି ଖାଦାନ | 286<br><br>458 | 123<br>145<br>1952 | 0.30<br>1.52<br>7.93 | 35+30=65 | Mining Plan ଅନୁଯାୟୀ ପ୍ରଥମ ବର୍ଷ 24000 Cum | ପରିବେଶ ମଞ୍ଜୁରୀ ପ୍ରାପ୍ତ ପରେ ପ୍ରଥମ ବର୍ଷର ପରିମାଣ ଜଣେଇ ଦିଆଯିବ |